# କୃଷି ମୌସମ ସେବା
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର, କେନ୍ଦୁଝର

ସପ୍ତାହ -09 ତାରିଖ- 01.03.2024

| | Date | Rainfall (mm) | T-MAX (C) | T-MIN (C) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| KENDUJHARGARH | 02-03-2024 | 0 | 33 | 17 | 0 | 80 | 20 | 7 | 162 |
| | 03-03-2024 | 0 | 32 | 17 | 2 | 60 | 17 | 6 | 161 |
| | 04-03-2024 | 5 | 32 | 17 | 3 | 61 | 24 | 6 | 120 |
| | 05-03-2024 | 4 | 30 | 18 | 2 | 78 | 31 | 9 | 150 |
| | 06-03-2024 | 0 | 30 | 18 | 2 | 67 | 25 | 8 | 79 |

**ପାଣିପାଗ ସାରାଂଶ/ ସତର୍କ:**

IMD ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ପାଞ୍ଚ ଦିନ ମଧ୍ୟରେ **କେନ୍ଦୁଝର ରେ ହାଲୁକା ବର୍ଷା (4 ଏବଂ 5 March) ହେବାର ସମ୍ଭାବନା ଅଛି ।** ଏହି ସମୟରେ ପାଗ ସଫା ରୁ ମେଘୁଆ ରହିବାର ଆକଳନ କରା ଯାଇଅଛି। ପବନ ର ବେଗ **6-9** କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା **30-33** ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା **17-18** ଡିଗ୍ରୀ ରହିବାର ସମ୍ଭାବନା ରହିଛି।

**ସତର୍କ:** ହାଲୁକା ବର୍ଷା ଥିବାରୁ କୌଣସି ବ୍ଲକ କୁ ସତର୍କ ସୂଚନା ଦିଆ ଯାଇ ନାହିଂ।

**ସାଧାରଣ ପରାମର୍ଶ:**

- ପନିପରିବା ଅମଳ କରିସାରିଲା ପରେ ଶୁଖିଲା ସ୍ଥାନ ରେ ରଖନ୍ତୁ।
- ଜମି ଶୁଖିଲା ଦେଖା ଗଲେ ଜଳ ସେଚନ କରନ୍ତୁ।
- କ୍ଷେତ ରେ ରୋଗ ପୋକ ର ସଠିକ ଭାବରେ ନିରୀକ୍ଷଣ କରନ୍ତୁ।
- ବର୍ତମାନ ପାଉଁଶିଆ ରୋଗ ଏବଂ ଜଉ ପୋକ ର ପ୍ରାଦୁର୍ଭାବ ଦେଖା ଦେଇ ପାରେ।

**ସଂକ୍ଷିପ୍ତ ଉପଦେଶ:**

- ଜିଆ ଖତ ଅଧିକା ରୁ ଅଧିକା ବ୍ୟବହାର କରନ୍ତୁ।

**ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ:**

| **ଶସ୍ୟ** | **ଶସ୍ୟ ର ଅବସ୍ଥା/ ସ୍ଥିତି** | **ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ** |
|---|---|---|
| **ବୁଟ** | ଫୁଲ ଏବଂ ଫଳ | • କ୍ଷେତ ରୁ ଘାସ ବାଛି ଦିଅନ୍ତୁ।<br>• ଜମି ଶୁଖିଲା ଥିଲେ, ଜଳ ସେଚନ କରନ୍ତୁ।<br>• ପାଉଁସିଆ ରୋଗ ର ନିୟନ୍ତ୍ରଣ ପାଇଁ Dithane- M 45 @ 2.5 g/lt କିମ୍ୱା ସଲଫର ପାଉଡର ବ୍ୟବହାର କରନ୍ତୁ। |
| **ପେଶୀ** | ଫଳ ପାଚିବା ଏବଂ ଅମଳ | • ଯେତେ ବେଳେ ଫଳ ପୂର୍ଣଭାବରେ ମାଟିଆ ରଙ୍ଗର ହୋଇଯିବ, ସେତେ ବେଳେ ଅମଳ କରନ୍ତୁ।<br>• ଜଉପୋକ ର ଦମନ ପାଇଁ Imidachloprid କିମ୍ୱା Acephate @ 2 g/lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ସୋରିଷ** | ଫଳ ପାଚିବା ଏବଂ ଅମଳ | • ଏହି ପାଗ ରେ ସୋରିଷ ରେ ପାଉଁସିଆ ରୋଗ ଲାଗିପାରେ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ସଲଫର ପାଉଡର କିମ୍ୱା କାରାଥେନ (Karathane) ର ସିଂଚନ କରନ୍ତୁ। |
| **ପନିପରିବା:** | | |
| **ଫୁଲକୋବି** | ଫୁଲ ବନିବା | • ପତ୍ର ଦାଗ ର ନିୟନ୍ତ୍ରଣ ପାଇଁ Mancozeb 75% WP @ 600 ml ପ୍ରତି ଏକର ସିଂଚନ କରନ୍ତୁ।<br>• Diamond back moth ର ନିୟନ୍ତ୍ରଣ ପାଇଁ Cartap hydrochloride @ 1 g/lt ବ୍ୟବହାର କରନ୍ତୁ। |

| | | |
|---|---|---|
| | | • ଫଲ ଆର୍ମି ୱର୍ମ କିମ୍ବା ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Emamectin benzoate 5% SG @ 4-5 g/10lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ବନ୍ଧାକୋବି** | ପତ୍ର ବନ୍ଧା | • ବର୍ତମାନ ପାଗ ରେ (ଅଧିକା ଆଦ୍ରତା ଏବଂ ମେଘୁଆ ପାଗ ) ପତ୍ର ଦାଗ ରୋଗ ହେବାର ସମ୍ଭାବନା ଅଧିକା। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ Mancozeb କିମ୍ବା Carbendazim @ 2 g/lt ପାଣିରେ ସିଂଚନ କରନ୍ତୁ। |
| **ବାଇଗଣ** | ଫୁଲ ଏବଂ ଫଳ | • ପତ୍ର ଦାଗ ର ନିୟନ୍ତ୍ରଣ ପାଇଁ Carbendazim @ 2 g ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ପାକଳ ହୋଇଯାଇଥିବା ବାଇଗଣକୁ ତୋଳି ସୁରକ୍ଷିତ ସ୍ଥାନରେ ରଖନ୍ତୁ।<br>• କାଣ୍ଡ ଓ ଫଳ ବିନ୍ଧା ପୋକ କୁ ନିୟନ୍ତ୍ରଣ କରିବା ପାଇଁ Emamectin benzoate @ 4 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ବାଇଗଣ ରେ ଛୋଟ ପତ୍ର ଦେଖା ଗଲେ Methyl Demeton 30 EC @ 1 ml/lt ବ୍ୟବହାର କରନ୍ତୁ। |
| **ଟମାଟ** | ଫୁଲ ଏବଂ ଫଳ | • ଘାସ ବାଛି ଦିଅନ୍ତୁ ଏବଂ ଜମି କୁ ସଫା ରଖନ୍ତୁ।<br>• ଗଛ ଶାଖାରେ ଅଧିକା ରୋଗ ଲାଗିଥିଲେ, ଶାଖା କୁ ଛିଡେଇ ଫୋପାଡି ଦିଅାନ୍ତୁ।<br>• ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Flubendiamide @ 5 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଫୁଲ:** | | |
| **ଗେଣ୍ଡୁ** | ଫୁଲ | • ଘାସ ବାଛି ଗଛ ମୂଳ କୁ ସଫା ରଖନ୍ତୁ।<br>• ଜଳ ସିଂଚନ କରନ୍ତୁ। ଏହା ଦ୍ୱାରା ଫୁଲ ସତେଜ ରହିବ।<br>• ମିଳି ବଗ ର ଦମନ ପାଇଁ Profenophos କିମ୍ବା Dimethoate @ 2 ml/lt ସିଂଚନ କରନ୍ତୁ। |
| **ଗୋଲାପ** | ଫୁଲ | • ଗଛ ମୂଳରୁ ଘାସ ବାଛି ମୂଳ ସଫା ରଖନ୍ତୁ ଏବଂ ଜଳ ସେଚନ କରନ୍ତୁ।<br>• ଦହିୟା ପୋକ (Mealy bug) ର ନିୟନ୍ତ୍ରଣ ପାଇଁ ସାବୁନ ଫେଣ କିମ୍ବା ନିମ୍ବ ର ସିଂଚନ କରନ୍ତୁ। |
| **ପଶୁପାଳନ:** | | |

| | | |
|---|---|---|
| **କୁକୁଡା ପାଳନ** | ଚିଆଁ | • ଚିଆଁ କୁ ପ୍ରଥମ ସପ୍ତାହ ମଧରେ Lasota ଏବଂ ଦୁଇ ସପ୍ତାହ ମଧରେ IBT ର ଟୀକାକରଣ କରାନ୍ତୁ।<br>• ପିଇବା ପାଇଁ ବିଶୁଦ୍ଧ ଜଳ ଦିଅନ୍ତୁ। |
| **ଗାଈ ପାଳନ** | | • ନିୟମିତ ପିଇବା ପାଇଁ ସଫା ପାଣି ଯୋଗାଇ ଦିଅନ୍ତୁ।<br>• ଗୁହାଳ ଘରକୁ ସଫା ରଖନ୍ତୁ। |

**ଯୋଗାଯୋଗ:**

**ନାମ: ଶୁଭକାନ୍ତ ସାମନ୍ତରାୟ**

**Email:** subhakantaofficial95@gmail.com

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**